Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 16

ସାପ୍ତାହିକ ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 20 ଏପ୍ରିଲ୍ 2017    20 ଶାହାଦତ୍ 1396 ହି.ଶ    22 ରଜବ୍ 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫିଁ'ଉମ୍‌ରିହି ୱ ଅମ୍‌ରିହି ॥

**ତୁମମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବ୍ୟକ୍ତି ସେ ଅଟେ ଯିଏ ନିଜ ଭାଇର ଭୁଲ୍‌କୁ ଅଧିକ କ୍ଷମା ଦେଇଥାଏ । ଏବଂ ସେ ବ୍ୟକ୍ତି ଅଭାଗା ଅଟେ ଯିଏ ଜିଦି କରେ ଏବଂ କ୍ଷମା ଦିଏନାହିଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଅଲ୍ଲାଃତାଲା ଚାହୁଁଛନ୍ତି ଯେ ତୁମ ଜିବନରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସୁ । ସେ ତୁମଠାରୁ ଏକ ପ୍ରକାର ମୃତ୍ୟୁ କାମନା କରୁଛନ୍ତି । ତତ୍‌ପରେ ସେ ତୁମକୁ ଜିବୀତ କରାଇବେ । ତୁମେ ପରସ୍ପର ଭିତରେ ଶିଘ୍ର ସୁଲାହ୍ (ସନ୍ଧି) କର । ଏବଂ ନିଜ ଭାଇଙ୍କର ଦୋଷକୁ କ୍ଷମା କର । କାରଣ ସେ ବ୍ୟକ୍ତି ଦୁର୍ଜନ ଅଟେ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବା ପାଇଁ ରାଜି ହେଉନାହିଁ । ସେ କଟାଯିବ । କାରଣ ସେ ବିଭେଦ ସୃଷ୍ଟି କରୁଛି । ତୁମେ ନିଜର ଅହଂକାରକୁ ପ୍ରତ୍ୟେକ ପାର୍ଶ୍ୱରୁ ଛାଡ଼ିଦିଅ । ଏବଂ ଆପୋଷର ଦ୍ୱେଷକୁ ପରିତ୍ୟାଗ କର ଓ ସତ୍ୟବାଦୀ ହୋଇ ମଧ ମିଥ୍ୟାବାଦୀଙ୍କ ପରି ଦୀନତାର ଅନୁସରଣ କର । ଯଦ୍ୱାରା ତୁମେ କ୍ଷମା ପାଇଯିବ । ଅହଂକାରକୁ ପରିତ୍ୟାଗ କର । କାରଣ ଯେଉଁ ଦ୍ୱାରକୁ ତୁମେ ଡକାଯାଇଛ ସେଥିରେ ଜଣେ ଅହଂକାରୀ ମନୁଷ୍ୟ ପ୍ରବେଷ କରିପାରିବ ନାହିଁ । ଦୁର୍ଭାଗ୍ୟଶାଳୀ ଅଟେ ସେହି ମଣିଷ ଯିଏ ଉକ୍ତ କଥାକୁ ମାନୁନାହିଁ ଯାହା ଅଲ୍ଲାଃଙ୍କ ମୁଖରୁ ନିଶୃତ ହୋଇଛି ଓ ମୁଁ ତାକୁ ବର୍ଣ୍ଣନା କଲି । ଯଦି ତୁମେ ଚାହୁଁଛ ଯେ ଆକାଶରେ ଅଲ୍ଲାଃ ତୁମ ଉପରେ ପ୍ରସନ୍ନ ହୁଅନ୍ତୁ ତେବେ ତୁମେ ପରସ୍ପର ଏପରି ଏକ ହୋଇଯାଅ ଯେପରି ଗୋଟିଏ ମା ପେଟରୁ ଦୁଇଜଣ ଭାଇ । ତୁମମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ବ୍ୟକ୍ତି ସେ ଅଟେ ଯିଏ ନିଜ ଭାଇର ଦୋଷ ଓ ଭୁଲ୍‌କୁ ଅଧିକରୁ ଅଧିକ କ୍ଷମା କରିଥାଏ ଏବଂ ଦୁର୍ଭାଗ୍ୟଶାଳୀ ବ୍ୟକ୍ତି ସେ ଅଟେ ଯିଏ ଜିଦି କରେ ଓ କ୍ଷମା ଦିଏନାହିଁ । ଏପରି ବ୍ୟକ୍ତିଙ୍କ ସହିତ ମୋର କୌଣସି ସମ୍ପର୍କ ନାହିଁ । ଅଲ୍ଲାଃଙ୍କ ଅଭିଷାପକୁ ବହୁତ ଭୟକର । କାରଣ ସେ ପବିତ୍ର ଏବଂ ସ୍ୱାଭିମାନୀ ଅଟନ୍ତି ।

**(କଶ୍‌ତିନୁହ୍ ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୧୨)**

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଲଜ୍ଜାଶୀଳ ପୋଷାକ ଓ ପର୍ଦ୍ଦା ଆମ ଇମାନ୍ (ବିଶ୍ୱାସ)କୁ ବଂଚାଇ ରଖିବା ପାଇଁ ଜରୁରୀ ଅଟେ । ଯଦି ଆମକୁ ଦୀନ୍ (ଧର୍ମ) ଉପରେ ତିଷ୍ଠି ରହିବାକୁ ହେବ ତାହେଲେ ଆମକୁ ଦୀନି ତାଲିମାତ୍ (ଧର୍ମୀୟ ଶିକ୍ଷା) ଉପରେ ଅମଳ କରିବାକୁ ହେବ ।

## ହଜୁର୍ ଅ:ବ:ଅ ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ପର୍ଦ୍ଦାର ମହତ୍ୱ ଏବଂ ଗୁରୁତ୍ୱ ବିଷୟରେ ଉପଦେଶାବଳୀ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ନିଜର ଖୁତ୍‌ବା ଯୁମା ପ୍ରଦତ ୧୩ ଜାନୁଆରୀ ୨୦୧୭ ରେ କହୁଛନ୍ତି:

‘‘ପ୍ରଥମ କଥା ଏହା ଯେ ଆମକୁ ସବୁବେଳେ ମନେ ରଖିବାକୁ ହେବ କି ଆମେ ଯଦି ଧର୍ମ ଉପରେ ତିଷ୍ଠି ରହିବା ପାଇଁ ଚାହୁଁଛେ ତେବେ ଆମକୁ ଧର୍ମୀୟ ଶିକ୍ଷା ଉପରେ ଅମଳ କରିବାକୁ ହେବ । ଯଦି ଆମେ ନିଜକୁ ମୁସଲ୍‌ମାନ୍ ରୂପେ ଘୋଷଣା କରୁଛେ ଏବଂ ଧର୍ମ ଉପରେ ତିଷ୍ଠି ରହିବାକୁ ଚାହୁଁଛେ ତେବେ ପ୍ରତିବନ୍ଧ ମଧ୍ୟ ଜରୁରୀ ଅଟେ । ଅଲ୍ଲାହ୍‌ତାଲା ଏବଂ ତାର ରସୁଲ୍ ସ:ଆ:ସଙ୍କ କଥା ଉପରେ, ତାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ଅମଳ କରିବା ମଧ୍ୟ ଜରୁରୀ ଅଟେ । ତେଣୁ ଲଜ୍ଜାଶୀଳ ପୋଷାକ ଓ ପର୍ଦ୍ଦା ଆମ ଇମାନ୍‌କୁ ବଂଚାଇ ରଖିବା ପାଇଁ ଜରୁରୀ.... ।

ତେଣୁ ଜଣେ ଅହେମଦୀ ଝିଅ ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ଇମାନ୍ ଆଣିଛି ସେ ଅହଦ୍ (ଶପଥ) କରିଛି ଯେ ମୁଁ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବି । ଜଣେ ଅହେମଦୀ ପୁଅ ଯିଏ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ବିଶ୍ୱାସ ଆଣିଛି, ଜଣେ ଅହେମଦୀ ବ୍ୟକ୍ତି, ପୁରୁଷ ଅବା ସ୍ତ୍ରୀ ବିଶ୍ୱାସ ଆଣିଛି ସେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାପାଇଁ ଅହଦ୍ (ଶପଥ) କରିଛି । ଏବଂ ଏହି ଅଗ୍ରାଧିକାର ସେତେବେଳେ ହେବ ଯେତେବେଳେ ଧର୍ମୀୟ ଶିକ୍ଷା ମୁତାବକ ଅମଳ ହେବ । ଏହ ଆମର ସୌଭାଗ୍ୟ ଅଟେ ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ପ୍ରତ୍ୟେକ କଥା ଖୋଲା ଖୋଲି ରୂପେ ବର୍ଣ୍ଣନା କରିଛନ୍ତି । ସୁତରାଂ ପର୍ଦ୍ଦା ନ କରିବା ଓ ନିର୍ଲଜ୍ଜତା ବିଷୟରେ ଆପଣ ଗୋଟିଏ ସ୍ଥାନରେ ବର୍ଣ୍ଣନା କରି କହୁଛନ୍ତି:-

‘‘ୟୁରୋପୀୟଙ୍କ ଭଳି ପର୍ଦ୍ଦାବିହୀନ ହୋଇ (ବିନା ପର୍ଦ୍ଦାରେ ରହିବା ପାଇଁ) ଲୋକେ ଜୋର୍ ଦେଉଛନ୍ତି । କିନ୍ତୁ ଏହା ସମ୍ପୂର୍ଣ୍ଣ ଅନୁଚିତ୍ । ଏହା ହିଁ ସ୍ତ୍ରୀ ମାନଙ୍କ ନିମନ୍ତେ ସ୍ୱାଧିନତା ନାମରେ ପଥଭ୍ରଷ୍ଟତାର ମୂଳ ଅଟେ । ଯେଉଁ ଦେଶ ଗୁଡିକରେ ଏହି ପ୍ରକାର ସ୍ୱାଧୀନତା ଦିଆଯାଇଛି, ତୁମେ ଟିକିଏ ସେମାନଙ୍କ ଚାରିତ୍ରିକ ଅବସ୍ଥାର ଅନୁଶୀଳନ କର । ଯଦି ତାଙ୍କର ସ୍ୱାଧୀନତା ଓ ବେପର୍ଦ୍ଦଗୀ (ବିନା ପର୍ଦ୍ଦା) ଦ୍ୱାରା ସେମାନଙ୍କର ସତୀତ୍ୱ ଓ ପବିତ୍ରତା ଅଧିକ ହୋଇଯାଇଥିବ ତେବେ ଆମେ ମାନିନେବୁ ଯେ ଆମେ ଭୁଲ୍‌ରେ ଅଛୁ । କିନ୍ତୁ ଏହି କଥା ବହୁତ ସ୍ପଷ୍ଟ ଅଟେ ଯେ ଯେତେବେଳେ ପୁରୁଷ ଓ ସ୍ତ୍ରୀ ଜବାନ୍ ଥିବେ ସେତେବେଳେ ସ୍ୱାଧୀନତା ଓ ବେପର୍ଦ୍ଦଗୀ ମଧ୍ୟ ଥିବ ତେବେ ତାଙ୍କର ସମ୍ପର୍କ କେତେ ମାତ୍ରାରେ ଆଶଙ୍କା ପୂର୍ଣ୍ଣ ହେବ । (ମଲ୍‌ଫୁଜାତ୍ ଖଣ୍ଡ-୭, ପୃଷ୍ଠା-୧୩୪-୧୩୫, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ବର୍ତ୍ତମାନ ସମାଜରେ ଯେଉଁ ପ୍ରକାର କୁକର୍ମମାନ ଆମ ଦୃଷ୍ଟିଗୋଚର ହେଉଛି ତାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଗୋଟିଏ ଗୋଟିଏ ଶବ୍ଦକୁ ପ୍ରମାଣିତ କରୁଛି । ତେଣୁ ପ୍ରତ୍ୟେକ ଅହେମଦୀ ପୁଅ ଝିଅ ଓ ସ୍ତ୍ରୀ ପୁରୁଷ ଙ୍କୁ ନିଜ ଲଜ୍ଜାଶୀଳତାର ମାନକୁ ଉଚ୍ଚା କରି ସମାଜର ଅଶୁଦ୍ଧତା (ମଳିନତା) ରୁ ବଂଚିବା ପାଇଁ ଚେଷ୍ଟା କରିବା ଉଚିତ୍ । ଅନ୍ୟଥା ଏପରି ପ୍ରଶ୍ନ କରିବା ବା ଏ ବିଷୟରେ ଆତ୍ମହୀନତାର ଭାବନା ସୃଷ୍ଟି ହେବା ଯେ ପର୍ଦ୍ଦା କାହିଁକି ଜରୁରୀ ? ତେଣୁ ଏତିକି ପ୍ରାର୍ଥନା କି ଅଲ୍ଲାହ୍‌ତାଲା ଆମକୁ ପର୍ଦ୍ଦାର ଗୁରୁତ୍ୱକୁ ବୁଝିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ !

(ସୌଜନ୍ୟ-ନଜାରତ୍ ଇସ୍‌ଲାହ୍ ଓ୍ୱ ଇରଶାଦ୍ ମରକଜିଆ କାଦିଆନ୍)

# ଖୁତ୍‌ବା ଜୁମା

◆ ଆଜିକାଲି ଉପଦ୍ୱୀପମାନଙ୍କରେ ପୋଲିସ୍ ଅହେମଦିମାନଙ୍କୁ ଭୟଭୀତ କରୁଅଛି । ପୁଣି ଅଦାଲତମାନଙ୍କରେ ନିଜ ମନ ମୁତାବକ ନିଷ୍ପତି ଦେଇ ଅହେମଦିମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଉଅଛି । ଏପରି ଅତ୍ୟାଚାରୀମାନଙ୍କୁ ମନେରଖିବା ଉଚିତ୍ ଯେ, ଅଲ୍ଲାଃଙ୍କର ସେମାନଙ୍କ ଉପରେ ଦୃଷ୍ଟି ରହିଛି ଏବଂ ଅବହେଳିତମାନଙ୍କ ଦୁଆ ଅଲ୍ଲାଃଙ୍କ ଅରଶ୍ (ଅଲ୍ଲାଃଙ୍କ ଆସ୍ଥାନ)ରେ ପହଂଚିଥାଏ । ଯେତେବେଳେ ଅଲ୍ଲାଃତାଲାଙ୍କ ଅଦାଲତରେ ବିଚାର ହେବ ସେତେବେଳେ ଏହି ଅତ୍ୟାଚାରୀମାନଙ୍କର ଉଭୟ ଇହ ଓ ପରକାଳ ବରବାଦ୍ ହୋଇଯିବ ।

◆ ଇସଲାମ ବିରୋଧୀ ଶକ୍ତିମାନଙ୍କର ଯଦି କେହି ମୁକାବିଲା ଓ ପ୍ରତିରୋଧ ପାଇଁ ପ୍ରୟାସ କରିପାରେ ତେବେ ତାହା ଜମାଅତ ଅହେମଦିୟା ଅଟେ । ଅଣଅହେମଦି ଗୋଷ୍ଠୀ ସମୂହ ଇସଲାମର ସୌନ୍ଦର୍ଯ୍ୟ ଓ ତାହାର ବାର୍ତା ପହଁଚାଇବାର କର୍ତବ୍ୟ ହିଁ ସମ୍ପାଦନ କରିପାରିବେ ନାହିଁ କାରଣ ନା ସେମାନଙ୍କର କୌଣସି (ରୀତିମତ)ବ୍ୟବସ୍ଥା ରହିଛି ନା ସେମାନଙ୍କର ଜ୍ଞାନ ଅଛି ।

◆ ବର୍ତମାନ ଆମ (ୟୁରୋପ) ଦେଶରେ ମଧ୍ୟ ଏହି ମୁସଲମାନ କଠୋରପନୀମାନଙ୍କ ଦ୍ୱାରା ଆକ୍ରମଣ ବଢିଚାଲିଛି । ଦୁର୍ଭାଗ୍ୟବଶତଃ ସେମାନଙ୍କର ଏକଥା ମଧ୍ୟ ସତ ଯେ, ମୁସଲମାନ ଦେଶମାନଙ୍କରେ କଠୋରତାବାଦ ରହିଛି କିନ୍ତୁ ବାକି ଅନ୍ୟାନ୍ୟ କଥାଗୁଡ଼ିକ ଈର୍ଶାପରାୟଣତା ଯୋଗୁଁ ଇସଲାମ ବିରୋଧି ଅଟେ ।

◆ କିନ୍ତୁ ସେମାନେ ଯେଉଁ କଠୋରବାଦୀ ତଥା ମୁସଲମାନ ଦେଶମାନଙ୍କରେ ଥିବା ବିଦ୍ରୋହୀ ଦଳଙ୍କୁ ଅସଶତ୍ର ଯୋଗାଇ ଦେଉଛନ୍ତି ସେଥିପ୍ରତି ଧ୍ୟାନ ନଦେଇ ଆଖି ବନ୍ଦ କରିଦେବା ମଧ୍ୟ ଉଚିତ୍ ନୁହେଁ । ପୁଣି ନିଜ ଉଦ୍ଦେଶ୍ୟ ହାସଲ କରିବା ଓ ଇସଲାମ ପ୍ରତି ଶତ୍ରୁତା ପ୍ରଦର୍ଶନ କରି କେତେକ ଶକ୍ତି ବେଶ୍ ବୁଦ୍ଧିମାନୀର ସହ ଉକ୍ତ ଦଳମାନଙ୍କୁ ସଙ୍ଗଠିତ ଓ ସୁଦୃଢ କରୁଛନ୍ତି ।

◆ ପ୍ରତ୍ୟେକ ପ୍ରଶାସନିକ ଅଧିକାରୀ, ଅନ୍ୟାନ୍ୟ ରାଜନେତା ତଥା ମୌଲବିମାନେ ନିଜ ଆଧାତ୍ମିକ ଅବସ୍ଥାରେ ଉନ୍ନତି ଓ ଅଲ୍ଲାଃ ରସୁଲଙ୍କ ଆଦେଶର ଅନୁସରଣ କରିବା ପରିବର୍ତେ ସାଂସାରିକ ଲୋଭ, କାମନା ପୂରଣ କରିବାକୁ ପ୍ରାଧାନ୍ୟ ଦେଉଛନ୍ତି । ମୌଲବୀମାନେ ଧର୍ମ ନାମରେ ଇସଲାମକୁ ଗଭୀର ଅନ୍ଧକାର ମଧ୍ୟକୁ ଠେଲିଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଚାଲିଛନ୍ତି ।

◆ ଏପରି ଅବସ୍ଥାରେ ଅହେମଦିମାନଙ୍କୁ ଚିନ୍ତା କରିବା ଉଚିତ୍ ଯେ, ଯେତେବେଳେ ସେମାନେ ଯୁଗର ବାର୍ତାବହଙ୍କୁ ସ୍ୱୀକାର କରିନେଲେ ସେମାନଙ୍କ ଉପରେ ବହୁତ ବଡ଼ ଦାୟୀତ୍ୱ ନ୍ୟସ୍ତ ରହିଛି ଯାହାକି ସେମାନେ ସମ୍ପାଦନ କରିବା ଉଚିତ୍ । ହଜରତ ମସିହ ମଉଦ ଆ.ସ ଆମକୁ ଏହି ଶିକ୍ଷା ଦେଇଛନ୍ତି କି ତୁମମାନଙ୍କୁ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିବା ସହିତ ରସୁଲଙ୍କ ଅନୁସରଣ କରି ନିଜ ବିଶ୍ୱାସକୁ ସୁଦୃଢ କରିବା ଆବଶ୍ୟକ ।

◆ ଯେତେବେଳେ ତୁମେ କାହା ସହ ତର୍କ କର ତେବେ ହିକମତ୍ ଓ ଉତମ ଉପଦେଶର ସହିତ କର ଯାହାକି ନମ୍ର ଓ ଉଦାରତାର ସହ ହେବା ଉଚିତ୍ । ଏକଥା ସତ ଯେ, ଏହି ଯୁଗରେ ଅନେକ ଅଜ୍ଞାନ ମୌଲବି ନିଜ ଅଜ୍ଞାନତା ଯୋଗୁଁ ମନେକରିଥାନ୍ତି କି ଜେହାଦ୍ ଓ ଅସ୍ତ୍ର ମାଧ୍ୟମରେ ଧର୍ମର ପ୍ରସାର କରିବା ଅତ୍ୟନ୍ତ ପୁଣ୍ୟକର୍ମ ଅଟେ ।

◆ ସୁତରାଂ ଇସଲାମୀୟ ଶିକ୍ଷା ମୁତାବକ ଯେଉଁ ମୁସଲମାନମାନେ ଅମଳ କରୁନାହାନ୍ତି କିମ୍ବା ସେମାନେ ଇସଲାମର ବାର୍ତା ଅନ୍ୟମାନଙ୍କ ନିକଟରେ ପହଁଚାଇବା ପ୍ରତି ଆଗ୍ରହୀ ନୁହନ୍ତି କିମ୍ବା ଯେପରିକି ହଜରତ ମସିହ ମଉଦ ଆ.ସ କୁହନ୍ତି କି ସେମାନେ ଅଜ୍ଞାନ ଓ ମୂର୍ଖ ମୌଲବି ଅଟନ୍ତି । **କିନ୍ତୁ ଆମକୁ ଉଭୟ ମୁସଲମାନ ଓ ଅଣମୁସଲମାନମାନଙ୍କ ମଧ୍ୟରେ (ଇସଲାମୀୟ) ଶିକ୍ଷାକୁ ପରିବ୍ୟାପ୍ତ କରିବାର ଅଛି** । ସୁତରାଂ ନିଜ ନିଜ ପରିସୀମା ମଧ୍ୟରେ ରହି ପ୍ରତ୍ୟେକ ଅହେମଦିକୁ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ।

◆ ଆଜିକାଲିର ପରିସ୍ଥିତି ଯେମିତି ଆମର ଉକ୍ତ କର୍ତବ୍ୟ ସମ୍ପାଦନ କରିବା challenge (ଆହ୍ୱାନ) ସୃଷ୍ଟି କରିଛି । ତେଣୁ ପ୍ରତ୍ୟେକ ଅହେମଦି ନିଜ ନିଜର କର୍ତବ୍ୟ ତଥା ମୂଲ୍ୟବୋଧକୁ ଚିହ୍ନିବା ଆବଶ୍ୟକ । ତାହାର ପ୍ରତ୍ୟେକ କାର୍ଯ୍ୟ ଇସଲାମର ନମୁନା ପ୍ରଦର୍ଶନ କରିବା ଉଚିତ୍ । ଯଦି ଆପଣ ତବଲିଗ୍ କରୁନାହାନ୍ତି ତେବେ ନିଜର କଥାବାର୍ତା ଓ କାର୍ଯ୍ୟକଳାପ ଏପରି କରନ୍ତୁ ଯେଉଁଥିରୁ ଇସଲାମର ବାର୍ତା ପ୍ରସ୍ଫୁଟିତ ହେଉଥିବ ।

◆ ଶ୍ରୀମାନ ହକିମ୍ ମହମ୍ମଦିନ ସାହେବ କାଦିଆନ, ଶ୍ରୀମାନ ଫଜଲେ ଇଲାହି ଅନୱରୀ ସାହେବ ଜର୍ମାନୀ ଓ ଶ୍ରୀମାନ ଇବ୍ରାହିମ୍ ପିତା ଅବଦୁଲ୍ ସାହେବ ମରାକିଶଙ୍କର ଉତମ ଚରିତ୍ର ଚର୍ଚ୍ଚା କରିବା ସହିତ ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ (ପ୍ରଦତ୍ତ: ୧୭ ମାର୍ଚ୍ଚ ୨୦୧୭ ଅନୁଯାୟୀ ୧୭ ଅମାନ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔
اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ କହିଲେ- ଆଜିକାଲି ଅମେ ଦେଖୁଅଛେ ଯେ, ପାଶ୍ଚାତ୍ୟ ଓ ବିକଶିତ ରାଷ୍ଟ୍ରମାନଙ୍କରେ ଡ଼ାହାଣ ହାତର ରାଜନୈତିକ ଦଳ ଅବା ମଣିଷ ତଥା ଗୋଷ୍ଠୀବାଦୀଙ୍କ ଚାହିଦା ଓ ଗୁରୁତ୍ୱ ବେଶ୍ ବଢିଚାଲିଛି । ସମିକ୍ଷାକାରୀମାନେ ମଧ୍ୟ ଏଥିସମ୍ବନ୍ଧରେ ଅନେକ କିଛି ଲେଖିଛନ୍ତି କି ବର୍ତମାନର ପ୍ରଶାସନ ଯାହାକୁ କି ବାମ ହସ୍ତ ପ୍ରଶାସନ କୁହାଯାଉଛି, ନିଜ ଇମିଗ୍ରେଶନ୍ ପଲିସି ଲାଗୁ କରିବା ଯୋଗୁଁ ଏସବୁ ଘଟୁଛି । ଏତତ୍ ବ୍ୟତୀତ ମଧ୍ୟ ଆଉ କିଛି କାରଣ ରହିଛି କିନ୍ତୁ ସେସବୁର ତାନ୍ ଆସି ମୁସଲମାନଙ୍କ ଉପରେ ଛିଣ୍ଡୁଛି କି ମୁସଲମାନମାନଙ୍କର ଉକ୍ତ ଦେଶମାନଙ୍କରେ ପ୍ରବେଶ

କରିବାରେ ପ୍ରତିବନ୍ଧ ଲାଗିବା ଉଚିତ୍ । କାରଣ ସେମାନେ ଆମ ସହ ମିଳାମିଶା କରୁନାହାନ୍ତି ବରଂ ଆମଠାରୁ ଅଲଗା ରହୁଛନ୍ତି ଏବଂ ନିଜ ଧାର୍ମିକ ବିଶ୍ୱାସ ମୁତାବକ ଅମଳ କରୁଛନ୍ତି ଯାହାକି ସେମାନଙ୍କ ଦୃଷ୍ଟିରେ କଠୋରତାବାଦର ଧର୍ମ ଅଟେ । ଅଥବା ସେମାନେ ଏପରି କହୁଛନ୍ତି କି ଯଦି ସେମାନଙ୍କୁ ଏଠାରେ ଆମ ସହିତ ରହିବାର ଅଛି ତେବେ ସେମାନଙ୍କୁ ନିଜ ରୀତିନୀତି ପରିତ୍ୟାଗ କରି ଆମ ଚାଲିଚଳଣ ଓ ଆଚାର ବ୍ୟବହାରକୁ ଆପଣାଇବାକୁ ହେବ । ଯଦି ଏପରି ନକରନ୍ତି ତେବେ ସ୍ପଷ୍ଟ ହେଉଛି ଯେ, ସେମାନେ ଆମ ସହିତ ମିଶିବାକୁ ଚାହୁଁନାହାନ୍ତି କିମ୍ବା ଯଦି ନିଜ ବ୍ୟକ୍ତିଗତ ଅବା ଧାର୍ମିକ ରୀତିନୀତିକୁ ବଜାୟ ରଖୁଛନ୍ତି କିମ୍ବା ରଖିବାକୁ ଚାହୁଁଛନ୍ତି ତେବେ ଏପରି ଲୋକେ ଆମ ଦେଶ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରନ୍ତି । କିଭଳି ମୁର୍ଖାମୀ ଦେଖ ଯେ, ମୁସଲମାନମାନଙ୍କ ମସଜିଦ୍‌ର ମିନାରା ସେମାନଙ୍କ ପାଇଁ କ୍ଷତିକାରକ ବୋଲି କହୁଛନ୍ତି । ଏଠାରେ ଇଂଲଣ୍ଡରେ ମଧ୍ୟ ସମ୍ଭବତଃ ଜଣେ ଦୁଇ ଜଣ ନେତା ଏଭଳି ମତ ପ୍ରକାଶ କରୁଥିବେ କିନ୍ତୁ ୟୁରୋପର ଅନ୍ୟ ଦେଶମାନଙ୍କରେ ଉତେଜନା ବେଶ୍ ଅଧିକ ରହିଛି ଏବଂ ପ୍ରତିଦିନ ଏଥିସମ୍ବନ୍ଧରେ ରାଜନେତାମାନଙ୍କର ମନ୍ତବ୍ୟ ପ୍ରକାଶ ପାଉଛି । ପୁଣି ସେମାନେ ଏହି ପ୍ରମାଣ ଦେଉଛନ୍ତି କି ଦେଖ ମୁସଲମାନମାନଙ୍କର ଆମ ପାଇଁ କ୍ଷତିକାରକ ହେବା ଏଥିରୁ ମଧ୍ୟ ପ୍ରମାଣିତ ହେଉଛି ଯେ, ମୁସଲମାନ ଦେଶମାନଙ୍କରେ କଠୋରବାଦ ଓ ଆଇନ୍ ଉଲଙ୍ଘନ ଚରମ ସୀମାରେ ପହଂଚି ଗଲାଣି । ବର୍ତମାନ ଆମ (ୟୁରୋପ) ଦେଶରେ ମଧ୍ୟ ଏହି ମୁସଲମାନ କଠୋରପନୀମାନଙ୍କ ଦ୍ୱାରା ଆକ୍ରମଣ ବଢିଚାଲିଛି । ଦୁର୍ଭାଗ୍ୟବଶତଃ ସେମାନଙ୍କର ଏକଥା ମଧ୍ୟ ସତ ଯେ, ମୁସଲମାନ ଦେଶମାନଙ୍କରେ କଠୋରତାବାଦ ରହିଛି କିନ୍ତୁ ବାକି ଅନ୍ୟାନ୍ୟ କଥାଗୁଡ଼ିକ ଈର୍ଶାପରାୟଣତା ଯୋଗୁଁ ଇସଲାମ ବିରୋଧି ଅଟେ । କିନ୍ତୁ ସେମାନେ ଯେଉଁ କଠୋରବାଦୀ ତଥା ମୁସଲମାନ ଦେଶମାନଙ୍କରେ ଥିବା ବିଦ୍ରୋହୀ ଦଳଙ୍କୁ ଅସଶତ୍ର ଯୋଗାଇ ଦେଉଛନ୍ତି ସେଥିପ୍ରତି ଧ୍ୟାନ ନଦେଇ ଆଖି ବନ୍ଦ କରିଦେବା ମଧ୍ୟ ଉଚିତ୍ ନୁହେଁ । ପୁଣି ନିଜ ଉଦ୍ଦେଶ୍ୟ ହାସଲ କରିବା ଓ ଇସଲାମ ପ୍ରତି ଶତ୍ରୁତା ପ୍ରଦର୍ଶନ କରି କେତେକ ଶକ୍ତି ବେଶ୍ ବୁଦ୍ଧିମାନୀର ସହ ଉକ୍ତ ଦଳମାନଙ୍କୁ ସଙ୍ଗଠିତ ଓ ସୁଦୃଢ କରୁଛନ୍ତି । ଦୁର୍ଭାଗ୍ୟବଶତଃ ମୁସଲମାନମାନେ ଯେତେବେଳେ ମଧ୍ୟ କ୍ଷତିଗ୍ରସ୍ତ ହୋଇଥାନ୍ତି, ନିଜ ଅମଳ ଓ ସଡ଼ଯନ୍ତ୍ରର ଶୀକାର ହୋଇ, ପରସ୍ପରର ବିଦ୍ରୋହ ତଥା ପରସ୍ପର ପ୍ରତି ଥିବା କର୍ତବ୍ୟ ସମ୍ପାଦନ ନକରିବା, ନିଜ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ୱାର୍ଥକୁ ପ୍ରାଥମିକତା ଦେବା ହେତୁ ହିଁ କ୍ଷତିଗ୍ରସ୍ତ ହୋଇଥାନ୍ତି । ପ୍ରତ୍ୟେକ ପ୍ରଶାସନିକ ଅଧିକାରୀ, ଅନ୍ୟାନ୍ୟ ରାଜନେତା ତଥା ମୌଲବିମାନେ ନିଜ ଆଧ୍ୟାତ୍ମିକ ଅବସ୍ଥାରେ ଉନ୍ନତି ଓ ଅଲ୍ଲାଃ ରସୁଲଙ୍କ ଆଦେଶର ଅନୁସରଣ କରିବା ପରିବର୍ତେ ସାଂସାରିକ ଲୋଭ, କାମନା ପୂରଣ କରିବାକୁ ପ୍ରାଧାନ୍ୟ ଦେଉଛନ୍ତି । ମୌଲବୀମାନେ ଧର୍ମ ନାମରେ ଇସଲାମକୁ ଗଭୀର ଅନ୍ଧକାର ମଧ୍ୟକୁ ଠେଲିଦେବାରେ ପ୍ରମୂଖ ଭୂମିକା ଗ୍ରହଣ କରିଚାଲିଛନ୍ତି । ବର୍ତମାନ ଯୁଗର ଅବସ୍ଥା ଦେଖି ଅଲ୍ଲାଃତାଲାଙ୍କ ପ୍ରତିଶୃତୀକୁ ନିଜ ସମ୍ମୁଖରେ ରଖି ଅନୁଧ୍ୟାନ କରିବା ପରିବର୍ତେ କି ଏପରି ପରିସ୍ଥିତିରେ ଅଲ୍ଲାଃଙ୍କ ପ୍ରତିଶୃତୀ ମୁତାବକ ସୁରୟା ନକ୍ଷେତ୍ରରୁ ବିଶ୍ୱାସକୁ ଫେରସ୍ତ ଆଣି ଇସଲାମର ପୁନଃ ପ୍ରତିଷ୍ଠାକାରୀର ଚିହ୍ନଟ କରି ନିଜ ବିଶ୍ୱାସକୁ ସୁଦୃଢ କରିବା ପରିବର୍ତେ ସେମାନେ ଉକ୍ତ ଅବତାରର ବିରୁଦ୍ଧାଚରଣରେ ଏଭଳି ଆଗକୁ ବଢିଗଲେ ଯେ, ତାହାର କୌଣସି ସୀମା ନାହିଁ ଏବଂ ତାଙ୍କ ମାନ୍ୟକାରୀଙ୍କ ଉପରେ ମଧ୍ୟ ଅନ୍ୟାୟ ଓ ଅତ୍ୟାଚାର ସୀମା ଲଙ୍ଘନ କରିଗଲେ । ଯେପରି ଆଜିକାଲି ଉପଦ୍ୱୀପମାନଙ୍କରେ ପୋଲିସ୍ ଅହେମଦିମାନଙ୍କୁ ଭୟଭୀତ କରୁଅଛି । ପୁଣି ଅଦାଲତମାନଙ୍କରେ ନିଜ ମନ ମୁତାବକ ନିଷ୍ପତି ଦେଇ ଅହେମଦିମାନଙ୍କୁ ଜେଲ୍‌କୁ ପଠାଇ ଦିଆଯାଉଅଛି ଏବଂ କେତେକଙ୍କୁ ୧/୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଶୁଣାଯାଇଛି । ତାହା ମଧ୍ୟ ଏଥିପାଇଁ କି ଯେ ସେମାନେ କହିଲେ ଆମେ ଯୁଗର ସୁଧାରକ ତଥା ଇମାମଙ୍କୁ ସ୍ୱୀକାର କରିନେଇଛୁ ଏବଂ ଏଥିପାଇଁ ସ୍ୱୀକାର କରିଅଛୁ କି ଅଲ୍ଲାଃ ଓ ରସୁଲଙ୍କର ଆମ୍ଭକୁ ଏହି ନିର୍ଦ୍ଦେଶ ରହିଛି । ଉକ୍ତ ବ୍ୟକ୍ତିଗଣ ଯେ କି କାରାଗାରରେ ବନ୍ଦି ଅଛନ୍ତି ଯେଉଁମାନେ ଦଣ୍ଡ ଭୋଗ କରୁଛନ୍ତି, ଯେ ପୋଲିସ୍ ଅଧିନରେ ଅଛନ୍ତି ଅବା ଯେ କଷଣ ଓ ଯନଣା ଭୋଗକରୁଛନ୍ତି, ସେମାନଙ୍କ ସଂଖ୍ୟା ୨୦୦ରୁ ଉର୍ଦ୍ଧ୍ୱ ଅଟେ । ଏପରି କଷ୍ଟ ପାଇବା ସତ୍ୱେ ସେମାନେ ସମସ୍ତେ ଉକ୍ତ ଅଧିକାରୀମାନଙ୍କୁ କହିଲେ କି ତୁମେ ଯେଭଳି କଷ୍ଟ ଦିଅ ନା କାହିଁକି ଆମେ କଦାପି ବିଶ୍ୱାସକୁ ହାତଛଡ଼ା କରିବୁ ନାହିଁ । ଏପରି ଅତ୍ୟାଚାରୀମାନଙ୍କୁ ମନେରଖିବା ଉଚିତ୍ ଯେ, ଅଲ୍ଲାଃଙ୍କର ସେମାନଙ୍କ ଉପରେ ଦୃଷ୍ଟି ରହିଛି ଏବଂ ଅବହେଳିତମାନଙ୍କ ଦୁଆ ଅଲ୍ଲାଃଙ୍କ ଅରଶ୍ (ଅଲ୍ଲାଃଙ୍କ ଆସ୍ଥାନ)ରେ ପହଂଚିଥାଏ । ଯେତେବେଳେ ଅଲ୍ଲାଃତାଲାଙ୍କ ଅଦାଲତରେ ବିଚାର ହେବ ସେତେବେଳେ ଏହି ଅତ୍ୟାଚାରୀମାନଙ୍କର ଉଭୟ ଇହ ଓ ପରକାଳ ବରବାଦ୍ ହୋଇଯିବ । ସୁତରାଂ ଏପରି ଲୋକମାନଙ୍କୁ ଅଲ୍ଲାଃଙ୍କ ଧାର୍ଯ୍ୟ (ଶାସ୍ତି)କୁ ଭୟ କରିବା ଉଚିତ୍ । ଅହେମଦିମାନଙ୍କ ଉପରେ ଅତ୍ୟାଚାର କରି, ଇସଲାମ ନାମରେ ଅପକର୍ମ କରି ନିଜ କ୍ଷମତା ଓ ଶକ୍ତି ବଳରେ ନିଜକୁ ବିଜୟୀ ମନେକରୁଥିବା ଏପରି ଲୋକମାନଙ୍କୁ ମନେରଖିବା ଉଚିତ୍ ଯେ, ସେମାନେ ଦିନେ ନା ଦିନେ ଅଲ୍ଲାଃଙ୍କ ସମ୍ମୁଖରେ ଉପସ୍ଥିତ ହେବେ ଏବଂ ସେତେବେଳେ ସେମାନଙ୍କୁ ନିଜ ଅନ୍ୟାୟ ଓ ଅତ୍ୟାଚାରର ଉତର ଦେବାକୁ ହେବ । ବର୍ତମାନ ମୁସଲମାନମାନଙ୍କ ଅବସ୍ଥା ମଧ୍ୟ ଅଦଭୂତପୂର୍ଣ୍ଣ ହୋଇଚାଲିଛି । ଗୋଟିଏ ପାର୍ଶ୍ୱରେ ନାମକୁ ମାତ୍ର ମୌଲବି ବୋଲାଉ ଥିବା ଲୋକେ ରହିଛନ୍ତି ଯେ କଠୋରତାବାଦକୁ ଆପଣାଇ ଇସଲାମ ନାମରେ ସମସ୍ତ ପ୍ରକାରର ବିଭ୍ରାଟ ଓ ବିଶୃଙ୍ଗଳା ସୃଷ୍ଟି କରୁଛନ୍ତି । ଅନ୍ୟ ପାର୍ଶ୍ୱରେ ସେମାନେ ଅଛନ୍ତି ଯେଉଁମାନଙ୍କ ପ୍ରତିକ୍ରିୟା ସାଂସାରିକତାର ପ୍ରଭାବରେ ଧର୍ମଠାରୁ ଦୂରେଇ ଯାଉଛି । ସେହିପରି କେତେକ ରାଜନେତା ଯେ କି କ୍ଷମତାରେ ଅଛନ୍ତି ଯଦିଓ ସେମାନେ ମୌଲବିଙ୍କ କଥାରେ ଏକମତ ନୁହନ୍ତି ତଥାପି ନିଜ

ଚୌକି ବଂଚାଇବାକୁ ଯାଇ ମୌଲବିମାନଙ୍କ କଥାରେ ନିରବ ରହିଥାନ୍ତି । ଏପରି ପ୍ରତ୍ୟେକ ମୁସଲମାନ ଯେ ଅଲ୍ଲାଃଙ୍କ ପ୍ରେରିତ ଦୂତଙ୍କର ଅମାନ୍ୟ କରୁଛନ୍ତି, ସେମାନେ ଅଲ୍ଲାଃ ଓ ରସୁଲଙ୍କ ଅଦେଶ ଉଲଘଂନ କରି ତାଙ୍କଠାରୁ ଦୂରେଇ ଚାଲିଛନ୍ତି । ଏପରି ଅବସ୍ଥାରେ ଅହେମଦିମାନଙ୍କୁ ଚିନ୍ତା କରିବା ଉଚିତ୍ ଯେ, ଯେତେବେଳେ ସେମାନେ ଯୁଗର ବାର୍ତାବହଙ୍କୁ ସ୍ୱୀକାର କରିନେଲେ ସେମାନଙ୍କ ଉପରେ ବହୁତ ବଡ଼ ଦାୟୀତ୍ୱ ନ୍ୟସ୍ତ ରହିଛି ଯାହାକି ସେମାନେ ସମ୍ପାଦନ କରିବା ଉଚିତ୍ । ହଜରତ ମସିହ ମଉଦ ଆ.ସ ଆମକୁ ଏହି ଶିକ୍ଷା ଦେଇଛନ୍ତି କି ତୁମମାନଙ୍କୁ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଲ କରିବା ସହିତ ରସୁଲଙ୍କ ଅନୁସରଣ କରି ନିଜ ବିଶ୍ୱାସକୁ ସୁଦୃଢ଼ କରିବା ଆବଶ୍ୟକ । ସଂସାରରେ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି ନକରି ଅଲ୍ଲାଃଙ୍କ ବାର୍ତା ସଂସାରବାସୀଙ୍କ ନିକଟରେ ପହଂଚାଇବା ଉଚିତ୍, ଯଦ୍ୱାରା ଏକେଶ୍ୱରବାଦର ପ୍ରତିଷ୍ଠା ହେବ । ଅଲ୍ଲାଃତାଲା ପବିତ୍ର କୋରାନରେ ଆମ୍ଭକୁ ଯେଉଁ ମାର୍ଗ ଦେଖାଇଛନ୍ତି ତଦନୁଯାୟୀ ଅମଳ କରିବା, ଯେପରି ସେ କୁହନ୍ତି- **ଉଦ୍‌ଉ ଇଲା ସବିଲେ ରବ୍‌ବିକା ବିଲ୍‌ହିକମତେ ୱଲ୍ ମୌଇଜାତିଲ୍ ହସନତେ ୱଜାଦିଲ୍‌ହୁମ୍ ବିଲ୍ ଲତି ହିୟା ଅହ୍‌ସନ୍ । ଇନ୍ନା ରବ୍‌ବିକା ହୁୱା ଆଲମୁ ବିମନ୍ ଜଲ୍ଲାଅନ୍ ସବିଲିହି ୱହୁୱା ଆଲମୁ ବିଲ୍‌ମୁହତଦିନ୍** ଅର୍ଥାତ ତୁମେ ସତ୍‌ଜ୍ଞାନ ଓ ହିତ ଉପଦେଶ ମାଧ୍ୟମରେ ନିଜ ପାଳନକର୍ତାଙ୍କ ନିକଟକୁ (ଲୋକମାନଙ୍କୁ) ଡ଼ାକ ଏବଂ ସେମାନଙ୍କ ସହିତ ଏପରି ରୀତିରେ ତର୍କ କର ଯାହାକି ସର୍ବୋତମ ଅଟେ । ସୁତରାଂ ଧର୍ମପ୍ରାଚର ଓ ଇସଲାମୀ ସୁନ୍ଦର ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ ଇସଲାମୀୟ ଆଦେଶଗୁଡ଼ିକର ସତ୍ୟାସତ୍ୟ ଓ ରହସ୍ୟ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବା ନିମନ୍ତେ ପ୍ରମାଣର ସହ ତର୍କ କରିବାର ଆବଶ୍ୟକତା ରହିଛି ନା କି ଏପରି ଯେମିତିକି ଆଜିକାଲିର ନାମକୁ ମାତ୍ର ମୌଲବିମାନେ ଅବା କଠୋରପନୀମାନେ କରୁଛନ୍ତି । ହଜରତ ମସିହ ମଉଦ ଆ.ସ କୁହନ୍ତି- **ଜାଦିଲ୍‌ହୁମ୍ ବିଲ୍ ଲତି ହିୟା ଅହ୍‌ସନ୍** କହିବାରେ ଉଦ୍ଦେଶ୍ୟ ଏହା ନୁହେଁ କି ଆମେ ଏଭଳି ନମ୍ର ଆଚରଣ କରିବା କି ଅବୈଧ ଓ ଅନୁଚିତ୍ ଘଟଣାର ମଧ୍ୟ ପ୍ରସଂଶା କରି ତାହାକୁ ସ୍ୱୀକାର କରିନେବା । ସୁତରାଂ ହିକମତ୍‌ର ଅର୍ଥ ଏହା ନୁହେଁ କି କାପୁରୁଷତା ପ୍ରଦର୍ଶନ କରିବା ବରଂ କୌଣସି ପ୍ରକାର ବିଶୃଙ୍ଖଳା ସୃଷ୍ଟି ନକରି ସତ୍ୟକୁ ଉପସ୍ଥାପନ କରିବା ହିକମତ୍ (ସତ୍ ଜ୍ଞାନ) ଅଟେ ।

ଆଉ ଏକ ସ୍ଥାନରେ ଏହାର ଅଧିକ ସ୍ପଷ୍ଟିକରଣ କରି ହଜରତ ମସିହ ମଉଦ ଆ.ସ କୁହନ୍ତି- ଯେତେବେଳେ ତୁମେ କାହା ସହ ତର୍କ କର ତେବେ ହିକମତ୍ ଓ ଉତମ ଉପଦେଶର ସହିତ କର ଯାହାକି ନମ୍ର ଓ ଉଦାରତାର ସହ ହେବା ଉଚିତ୍ । ଏକଥା ସତ ଯେ, ଏହି ଯୁଗରେ ଅନେକ ଅଜ୍ଞାନ ମୌଲବି ନିଜ ଅଜ୍ଞାନତା ଯୋଗୁଁ ମନେକରିଥାନ୍ତି କି ଜେହାଦ୍ ଓ ଅସ୍ତ୍ର ମାଧ୍ୟମରେ ଧର୍ମର ପ୍ରସାର କରିବା ଅତ୍ୟନ୍ତ ପୁଣ୍ୟକର୍ମ ଅଟେ । ଏପରି ସେମାନେ ପରଦା ଆଢୁଆଳରେ ତଥା ବିବାଦପୂର୍ଣ୍ଣ ଜୀବନ ଅତିବାହିତ କରିଥାନ୍ତି କିନ୍ତୁ ସେମାନଙ୍କର ଏହି ଚିନ୍ତାଧାରା ସମ୍ପୂର୍ଣ୍ଣ ରୂପେ ଭୂଲ ଅଟେ । ସୁତରାଂ ସେମାନଙ୍କର ଏପରି ଭ୍ରମ ଧାରଣା ପୋଷଣ କରିବା ଅଲ୍ଲାଃଙ୍କ ଐଶ୍ୱରିକ ପୁସ୍ତକ ଉପରେ କୌଣସି ଆରୋପ କିମ୍ବା ବିବାଦ ଆଣିନଥାଏ । ଯଦି ସେମାନେ ଏପରି କଥା କହୁଛନ୍ତି ତେବେ ତାହା ସେମାନଙ୍କର ଭ୍ରାନ୍ତ ଧାରଣା ଅଟେ । ହଜୁର ଆ.ସ କୁହନ୍ତି- ପ୍ରକୃତ ସତ୍ୟ କୌଣସି ହିଂସା ଲୋଡ଼ି ନଥାଏ ବରଂ ହିଂସା ମାର୍ଗ ଆପଣାଉଥିବା (ଧର୍ମାବଲମ୍ବି) ପ୍ରମାଣ ଦେଇଥାନ୍ତି କି ତାଙ୍କର ଆଧାତ୍ମିକ ଦିଗ ଦୁର୍ବଳ ଅଟେ । ଦେଖ ସେ ପରମେଶ୍ୱର ଯେ ନିଜ ପବିତ୍ର ଅବତାର ହଜରତ ମହମ୍ମଦ ସ.ଆଙ୍କ ଉପରେ ଐଶ୍ୱରିକ ବାଣୀ ଅବତିର୍ଣ୍ଣ କରିଥିଲେ କି **ଫସ୍‌ବିର୍ କମା ସବରା ଉଲୁଲ୍ ଅଯମ୍** ଅର୍ଥାତ ତୁମେ ଏପରି ଧର୍ଯ୍ୟ ଧାରଣ କର ଯାହାକି ସମସ୍ତ ଅବତାରମାନଙ୍କ ଧର୍ଯ୍ୟ ଧରିବା ସମତୁଲ୍ୟ ହେବ ଅର୍ଥାତ ଯଦି ସମସ୍ତ ଅବତାରଙ୍କ ଧର୍ଯ୍ୟ (ଧରିବା)କୁ ଏକତ୍ର କରିଦିଆଯାଏ ତଥାପି ତାହା ତୁମର ଧର୍ଯ୍ୟ ଧରିବାଠାରୁ ଅଧିକ ହେବ ନାହିଁ । ପୁନଃ ଅଲ୍ଲାଃ କୁହନ୍ତି- **ଲା ଇକରାହା ଫିଦ୍ ଦିନ୍** ଅର୍ଥାତ ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧକତା ନାହିଁ । ତାପରେ କହିଲେ- **ଉଦ୍‌ଉ ଇଲା ସବିଲେ ରବ୍‌ବିକା ବିଲ୍‌ହିକମତେ ଓଲ୍ ମୌଇଜାତିଲ୍ ହସନାଃ** ଅର୍ଥାତ ହିକମତ୍ ଓ ହିତ ଉପଦେଶ ମାଧ୍ୟମରେ ତର୍କ କର ନା କି କଠୋରତା ପ୍ରଦର୍ଶନ କର, ପୁନଃ କୁହନ୍ତି- **ୱଲ୍ କାଜିମିନାଲ୍ ଗଏଜ୍ ୱଲ୍ ଆଫିନା ଆନିନ୍ ନାସ୍** ଅର୍ଥାତ ଯେ ନିଜର କ୍ରୋଧ ସମ୍ବରଣ କରନ୍ତି ଓ ଲୋକମାନଙ୍କୁ କ୍ଷମା କରନ୍ତି ଓ ମନ୍ଦ ପ୍ରବୃତି ଲୋକମାନଙ୍କ ମନ୍ଦ କଥାର ଉତର ଦେଇନଥାନ୍ତି । କଣ ଏପରି (ସୁନ୍ଦର ଶିକ୍ଷା ପ୍ରଦାନ କରୁଥିବା) ଅଲ୍ଲାଃ ଏଭଳି ଶିକ୍ଷା ଦେଇପାରନ୍ତି କି ତୁମେ ନିଜ ଧର୍ମର ଅମାନ୍ୟକାରୀମାନଙ୍କୁ ହତ୍ୟା କରିଦିଅ, ସେମାନଙ୍କ ଧନ ସମ୍ପତି ଲୁଟି ନିଅ, ସେମାନଙ୍କ ଘର ଉଜାଡ଼ି ଦିଅ ବରଂ ଇସଲାମର ପ୍ରାରମ୍ଭିକ ପଦକ୍ଷେପ ଯାହାକି ଅଲ୍ଲାଃଙ୍କ ଆଦେଶ ମୁତାବକ ଥିଲା ତାହା ଏହା ଥିଲା କି ଯେ, ଅତ୍ୟାଚାରୀ ଭାବରେ ତରଓାଲ ଓ ଅସ୍ତ୍ର ପ୍ରୟୋଗ କଲେ ସେମାନେ ତହିଁ ଦ୍ୱାରା ନାସ ହେଲେ । ଅର୍ଥାତ ଯେଭଳି (କର୍ମ) କଲେ ସେମିତି ପରିଣାମ ଭୋଗକଲେ । ହଜୁର ଆ.ସ କୁହନ୍ତି- ଏହା କେଉଁ ସ୍ଥାନରେ ଲେଖାଅଛି କି ଖଣ୍ଡା ମାଧ୍ୟମରେ ଅମାନ୍ୟକାରୀମାନଙ୍କୁ ହତ୍ୟା କରିଚାଲ । ଏହା ତ ଅଜ୍ଞାନ ମୌଲବି ଓ ମୂର୍ଖ ପାଦ୍ରୀମାନଙ୍କ ଚିନ୍ତାଧାରା ଯାହାର କି କୌଣସି ସତ୍ୟାସତ୍ୟ ନାହିଁ ।

ସୁତରାଂ ଇସଲାମୀୟ ଶିକ୍ଷା ମୁତାବକ ଯେଉଁ ମୁସଲମାନମାନେ ଅମଲ କରୁନାହାନ୍ତି କିମ୍ବା ସେମାନେ ଇସଲାମର ବାର୍ତା ଅନ୍ୟମାନଙ୍କ ନିକଟରେ ପହଁଚାଇବା ପ୍ରତି ଆଗ୍ରହୀ ନୁହନ୍ତି କିମ୍ବା ଯେପରିକି ହଜରତ ମସିହ ମଉଦ ଆ.ସ କୁହନ୍ତି କି ସେମାନେ ଅଜ୍ଞାନ ଓ ମୂର୍ଖ ମୌଲବି ଅଟନ୍ତି । **କିନ୍ତୁ ଆମ୍ଭକୁ ଉଭୟ ମୁସଲମାନ ଓ ଅଣମୁସଲମାନମାନଙ୍କ ମଧ୍ୟରେ (ଇସଲାମୀୟ) ଶିକ୍ଷାକୁ ପରିବ୍ୟାପ୍ତ କରିବାର ଅଛି** । ସୁତରାଂ ନିଜ ନିଜ ପରିସୀମା ମଧ୍ୟରେ ରହି ପ୍ରତ୍ୟେକ ଅହେମଦିକୁ ଏଥିପ୍ରତି ବିଶେଷ ଧ୍ୟାନ ଦେବା

ଆବଶ୍ୟକ ।

ଅଜିକାଲିର ପରିସ୍ଥିତି ଯେମିତି ଆମର ଉକ୍ତ କର୍ତବ୍ୟ ସମ୍ପାଦନ କରିବା challenge (ଆହ୍ୱାନ) ସୃଷ୍ଟି କରିଛି । ତେଣୁ ପ୍ରତ୍ୟେକ ଅହେମଦି ନିଜ ନିଜର କର୍ତବ୍ୟ ତଥା ମୂଲ୍ୟବୋଧକୁ ଚିହ୍ନିବା ଆବଶ୍ୟକ । ତାହାର ପ୍ରତ୍ୟେକ କାର୍ଯ୍ୟ ଇସଲାମର ନମୁନା ପ୍ରଦର୍ଶନ କରିବା ଉଚିତ୍ । ଯଦି ଆପଣ ତବଲିଗ୍ କରୁନାହାନ୍ତି ତେବେ ନିଜର କଥାବାର୍ତା ଓ କାର୍ଯ୍ୟକଳାପ ଏପରି କରନ୍ତୁ ଯେଉଁଥିରୁ ଇସଲାମର ବାର୍ତା ପ୍ରସ୍ଫୁଟିତ ହେଉଥିବ । ପୁଣି ତବଲିଗ୍ କ୍ଷେତ୍ରରେ ହଜରତ ଅଲ୍ଲୀ ର.ଆଙ୍କର ଉପଦେଶ ସର୍ବଦା ମନେରଖିବେ ଯେପରିକି ଆପଣ କୁହନ୍ତି– ହୃଦୟର କିଛି କାମନା ଓ କାର୍ଯ୍ୟ ପ୍ରତି ଦୁର୍ବଳତା ରହିଥାଏ । ଯେଉଁଥି ପାଇଁ ସେ କେତେକ ସମୟରେ କଥା ଶୁଣିବା ପାଇଁ ପ୍ରସ୍ତୁତ ଥାଏ ତ କେତେବେଳେ ନଥାଏ । ତେଣୁ ତାହା ବୁଝିବାକୁ ଚେଷ୍ଟା କର ଏବଂ ଦେଖ ବର୍ତମାନ ତାହାର (ମାନସିକ)ଅବସ୍ଥା କିପରି ଅଟେ । ତଦନୁଯାୟୀ କଥା କୁହ ଏବଂ ଏପରି ସମୟରେ ନିଜ କଥା ଉପସ୍ଥାପନ କର ଯେତେବେଳେ ଉକ୍ତ ବ୍ୟକ୍ତି ସେଥିପାଇଁ ପ୍ରସ୍ତୁତ ଥିବ । ସୁତରାଂ ଏହି ହିକମତ୍‌ର ଆମକୁ ଅବଲମ୍ବନ କରିବା ଉଚିତ୍ ।

ହଜୁର ଅନଓ୍ୱର ଅ.ବ କହିଲେ– ବର୍ତମାନ ଅଷ୍ଟ୍ରେଲିଆରେ ଗୋଟିଏ ଇସଲାମ ବିରୋଧୀ ଦଳ ଏପରି (ନିମ୍ନ) ସ୍ଥଳେ ପହଂଚିଯାଇଛି ଯେ, ସେମାନେ କହୁଛନ୍ତି କି ଯଦି ମୁସଲମାନ ପୁରୁଷ, ମହିଳା ଓ ମହିଳା ପୁରୁଷମାନଙ୍କ ସହିତ ହାତ ନମିଳାନ୍ତି ତେବେ ସେମାନଙ୍କୁ ଦେଶରୁ ବିତାଡ଼ିତ କରିଦେବା ଉଚିତ୍ । ଏଥିସମ୍ବନ୍ଧରେ ବୁଦ୍ଧିମାନୀର ସହିତ ନିଜ ନିଜ ପରିସୀମାରେ ରହି ପ୍ରତ୍ୟେକ ଅହେମଦିମାନଙ୍କୁ କାର୍ଯ୍ୟ କରିବା ଉଚିତ୍ । ପୁଣି ମହିଳାମାନେ ପରଦା କରିବାର କିଛି ଲୋକେ ବିରୋଧ କରୁଛନ୍ତି । ଆଉ କେତେକ ଦେଶରେ ମସଜିଦ୍ ଓ ମିନାରା (ନିର୍ମାଣର) ବିରୋଧ କରାଯାଉଛି । ହଲାଣ୍ଡର ଜଣେ ନେତା ବୟାନ ଦେଲେ କି ସମସ୍ତ ମୁସଲମାନମାନଙ୍କୁ ହିଁ ଦେଶରୁ ବହିଷ୍କାର କର ଅବା କୌଣସି ଗୋଟିଏ ନିର୍ଦ୍ଧିଷ୍ଟ ଦେଶର ମୁସଲମାନମାନଙ୍କୁ ଦେଶରୁ ବହିଷ୍କାର କରିଦିଅ । ଆମେରିକାର ରାଷ୍ଟ୍ରପତି କେତେକ ମୁସଲମାନ ରାଷ୍ଟ୍ରମାନଙ୍କ ଉପରେ ପ୍ରତିବନ୍ଧ ଲଗାଇବାକୁ ଚାହୁଁଛନ୍ତି । ତେବେ ନିଃସନ୍ଦେହ ଏହା ଈର୍ଶାପରାୟଣ ଓ ଇସଲାମ ବିରୁଦ୍ଧ ଚିନ୍ତାଧାରାର ପରିଣାମ ଅଟେ । ସେହି ଦେଶମାନଙ୍କରେ ଯେଉଁଠାରେ ଇସଲାମ ବିରୋଧୀ ଶକ୍ତିମାନେ ସଙ୍ଗଠିତ ଓ ସୁଦୃଢ଼ ହେଉଛନ୍ତି, ଏପରି ଶକ୍ତିମାନଙ୍କର ଯଦି କେହି ମୁକାବିଲା ଓ ପ୍ରତିରୋଧ ପାଇଁ ପ୍ରୟାସ କରିପାରେ ତେବେ ତାହା ଜମାଅତ ଅହେମଦିୟା ଅଟେ । ଅଣଅହେମଦି ଗୋଷ୍ଠୀ ସମୂହ ଇସଲାମର ସୌନ୍ଦର୍ଯ୍ୟ ଓ ତାହାର ବାର୍ତା ପହଁଚାଇବାର କର୍ତବ୍ୟ ହିଁ ସମ୍ପାଦନ କରିପାରିବେ ନାହିଁ କାରଣ ନା ସେମାନଙ୍କର କୌଣସି (ରୀତିମତ)ବ୍ୟବସ୍ଥା ରହିଛି ନା ସେମାନଙ୍କର ଜ୍ଞାନ ଅଛି । ଏହି କାର୍ଯ୍ୟ ବର୍ତମାନ ହଜରତ ମସିହ ମଉଦ ଆ.ସଙ୍କ ମାନ୍ୟକାରୀଙ୍କ ଦ୍ୱାରା ସାଧିତ ହେବା ଧାର୍ଯ୍ୟ କରିଦିଆଯାଇଛି ।

ହଜରତ ମସିହ ମଉଦ ଆ.ସ କୁହନ୍ତି– ଇସଲାମର ସୁରକ୍ଷା ଓ ସତ୍ୟାସତ୍ୟ ପ୍ରକାଶ କରିବା ନିମନ୍ତେ (ଆମ୍ଭର) ସର୍ବପ୍ରଥମ କାର୍ଯ୍ୟ ଏହା ଅଟେ କି ଆମେ ଏକ ସଚ୍ଚୋଟ ମୁସଲମାନର ନମୁନା ପ୍ରଦର୍ଶନ କରିବା । ଦ୍ୱିତୀୟରେ ଇସଲାମର ସୌନ୍ଦର୍ଯ୍ୟ ଓ ମର୍ଯ୍ୟାଦା ସଂସାରରେ ପ୍ରଚାର ଓ ପ୍ରସାର କରିବା ନିମନ୍ତେ ଉଦ୍ୟମ କରିବା ।

ଅଲ୍ଲାଃତାଲା ଆମ୍ଭକୁ ଏପରି ସୁନ୍ଦର ଜୀବନ ଅତିବାହିତ କରିବାର ଶକ୍ତି ପ୍ରଦାନ କରନ୍ତୁ ତଥା ଆମ୍ଭେ ସମସ୍ତ ପ୍ରକାରର ବିରୁଦ୍ଧାଚରଣ ସତ୍ୱେ ସଚ୍ଚୋଟ ମୁସଲମାନର ନମୁନା ପ୍ରଦର୍ଶନ କରି ଇସଲାମର ସୌନ୍ଦର୍ଯ୍ୟ ଓ ମର୍ଯ୍ୟାଦା ସଂସାରରେ ପ୍ରଚାର ପ୍ରସାରକାରୀ ସାବ୍ୟସ୍ତ ହେଉ । ପ୍ରକୃତ ଇସଲାମର ସୁରକ୍ଷା ଓ ତାହାର ସତ୍ୟାସତ୍ୟ ପ୍ରକାଶକାରୀଙ୍କ ମଧ୍ୟରେ ଆମ୍ଭେ ସମସ୍ତେ ଅନ୍ତର୍ଭୁକ୍ତ ହୋଇଯାଉ ।

ନମାଜ ପରେ ମୁଁ କିଛି ଯନାଜାଃ ଗାଏବ୍ ପଢ଼ାଇବି । ପ୍ରଥମ ଯନାଜାଃ ଗାଏବ୍ ମୁକରମ୍ ଓ ମୋହତରମ୍ ମୌଲାନା ହକିମ୍ ମହମ୍ମଦ୍ଦିନ୍ ସାହେବ କାଦିଆନ୍‌ଙ୍କର ଯିଏ ମୋହତରମ୍ ମହମ୍ମଦ୍ ଅଜିଜୁଦ୍ଦିନ୍ ସାହେବ୍‌ଙ୍କର ସୁପୁତ୍ର ଥିଲେ । ୧୫ ମାର୍ଚ୍ଚ ୨୦୧୭ ରେ ୯୭ ବର୍ଷ ବୟସରେ ତାଙ୍କର ଓ୍ୱଫାତ୍ (ମୃତ୍ୟୁ) ହେଲା । ଇନ୍ନାଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ । ତାଙ୍କର ଦାଦା (ଜେଜେ) ହଜ୍‌ରତ୍ ହକିମ୍ ମୌଲବୀ ଓ୍ୱଜିରୁଦ୍ଦିନ୍ ସାହେବ୍ କାଙ୍ଗଡ଼ାରେ ଗୋଟିଏ ସ୍କୁଲ୍‌ରେ ହେଡ୍‌ମାଷ୍ଟର୍ ଥିଲେ । ହଜ୍‌ରତ୍ ହକିମ୍ ମୌଲବୀ ଓ୍ୱଜିରୁଦ୍ଦିନ୍ ସାହେବ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ସାହାବୀ ଥିଲେ । ଏବଂ ୩୧୩ ସାହାବାଙ୍କ ସୂଚିରେ ତାଙ୍କର ନାମ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଦୁଇଟି ପୁସ୍ତକ ଆଇନା କମାଲାତେ ଇସ୍‌ଲାମ୍ ଏବଂ ଜମିମା ଅନ୍‌ଜାମେ ଆଥମ୍ ରେ ଉଲ୍ଲେଖ କରିଛନ୍ତି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଭବିଷ୍ୟବାଣୀ ୧୯୦୫ ମସିହାରେ କାଙ୍ଗଡ଼ାରେ ଯେଉଁ ଭୟଙ୍କର ଭୂମିକମ୍ପ ଆସିଥିଲା ସେଥିରେ ଆପଣ ଏବଂ ମଦର୍‌ସାର ଶିକ୍ଷାର୍ଥୀମାନେ ଅଲୌକିକତା ଦ୍ୱାରା ଆଶ୍ଚର୍ଯ୍ୟ ରୂପେ ବଂଚିଗଲେ । ମୌଲାନା ହକିମ୍ ମହମଦ୍ଦିନ୍ ସାହେବ ସଦର୍ ଅଞ୍ଜୁମାନ୍ ଅହେମଦୀୟାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିଲେ । ଜାମିଆ ଅହେମଦୀୟାର ହେଡ୍‌ମାଷ୍ଟର୍ ଥିଲେ ।.... ଅଲ୍ଲାଃତାଲା ଆପଣଙ୍କର ସନ୍ତାନ ମାନଙ୍କୁ ଧୈର୍ଯ୍ୟର ସହିତ ଜୀବନ ବିତାଇବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ମୋକରମ୍ ଫଜଲ୍ ଏଲାହି ଅନ୍‌ଓ୍ୱରି ସାହେବ ସୁପୁତ୍ର ମୋକରମ୍ ମାଷ୍ଟର୍ ଇମାମ୍ ଅଲ୍ଲି ସାହେବଙ୍କର ଅଟେ । ଯିଏ ୪ ମାର୍ଚ୍ଚ ୨୦୧୭ ତାରିଖ ଦିନ ୯୦ ବର୍ଷ ବୟସରେ ଜର୍ମାନୀରେ ଓ୍ୱଫାତ୍ ପାଇଲେ । ଇନ୍ନାଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।

ତୃତୀୟ ଯନାଜାଃ ମରାକସ୍‌ର ଇବ୍ରାହିମ୍ ବିନ୍ ଅବ୍‌ଦୁଲା ଅଗ୍‌ଜୋଲ୍ ସାହେବଙ୍କର ଅଟେ । ୧୦ ମାର୍ଚ୍ଚ ୨୦୧୭ ତାରିଖ ଦିନ ୮୧ ବର୍ଷ ବୟସରେ ତାଙ୍କର ଓ୍ୱଫାତ୍ ହେଲା । ଇନ୍ନାଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।

ଅଲ୍ଲାଃତାଲା ମରହୁମିନ୍‌ଙ୍କର ଦର୍ଜା ବୁଲନ୍ଦ୍ କରନ୍ତୁ ଏବଂ ସେମାନଙ୍କର ବନ୍ଧୁ ବାନ୍ଧବ ଏବଂ ସନ୍ତାନମାନଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ।

ପୃଷ୍ଠା-୮ ର ଅବଶିଷ୍ଟାଂଶ.....

ମୁଁ ଖଲିଫତୁଲ୍ ମସିହ୍ ଏବଂ ବିଶ୍ୱବ୍ୟାପି ଅହେମଦୀୟା ସଂଗଠନଙ୍କୁ ତାଙ୍କ ପରିଶ୍ରମ ଯୋଗୁଁ ଶୁଭେଚ୍ଛା ଜଣାଉଛି । ଏବଂ ଆପଣଙ୍କ ଆଡ଼କୁ ମୁଁ ନିଜେ ଏବଂ କାନାଡ଼ା ଲୋକମାନଙ୍କ ତରଫରୁ ବନ୍ଧୁତ୍ୱର ହାତ ବଢ଼ାଉଛି । ଧନ୍ୟବାଦ୍ ଶ୍ରୀଯୁକ୍ତ ସ୍ପିକର)

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପାର୍ଲିଆମେଂଟ୍‌ର କାର୍ଯ୍ୟକ୍ରମ ଶୁଣିଲେ । ତା ପରେ ପାର୍ଲିଆମେଂଟ୍‌ର ସ୍ପିକର୍ Mr.Geoff Regan ଛିଡ଼ାହୋଇ ଏପରି ଘୋଷଣା କଲେ:ଏବେ ମୁଁ ସମସ୍ତ ସମ୍ମାନୀୟ ବ୍ୟକ୍ତିଙ୍କର ଧ୍ୟାନ ଗ୍ୟାଲେରୀ ଆଡ଼କୁ ଆକର୍ଷଣ କରାଇବା ଚାହୁଁଛି । ଯେଉଁଠି ଆଜି ଆମ ଗହଣରେ ହଜରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ବିଶ୍ୱବ୍ୟାପି ଅହେମଦୀୟା ସଂଗଠନର ଇମାମ୍ ଉପସ୍ଥିତ ଅଛନ୍ତି ।

ଏହା ଶୁଣି ସର୍ବପ୍ରଥମେ ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୋଡ଼ୋ ସାହେବ୍ ଛିଡ଼ା ହେଲେ ଏବଂ ଆପଣଙ୍କ ସହିତ ଗୃହରେ ଥିବା ସମସ୍ତ ଲୋକ ଛିଡ଼ା ହୋଇ କରତାଳି ସହିତ ହଜରତ୍ ଅମିରୁଲ୍ ମୁମେନିନ୍ ଖଲିଫତୁଲ ମସିହିଲ୍ ଖାମିସ୍‌ଙ୍କୁ ସ୍ୱାଗତ୍ କଲେ ।

ଦୁନିଆରେ କୌଣସି ପାର୍ଲିଆମେଂଟ୍‌ରେ ଏପରି ଘଟଣା ପ୍ରଥମ ଥର ହେଲା ଯେ ପାର୍ଲିଆମେଂଟ୍‌ର ସମସ୍ତ କାର୍ଯ୍ୟକର୍ତା ଓ ମେମ୍ବରମାନେ ଛିଡ଼ା ହୋଇ ଖଲିଫତୁଲ୍ ମସିହ୍‌ଙ୍କୁ ନିଜ ଦେଶରେ ସ୍ୱାଗତ କଲେ । ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଙ୍କ ଏଲହାମ୍ ''ଓ୍ୱହ୍ ବାଦ୍‌ଶାହ୍ ଆୟା'' ଅର୍ଥାତ୍- ''ସେହି ସମ୍ରାଟ୍ ଆସିଲେ'' ଆଜି ଏକ ନୂଆ ଶାନ୍‌ର ସହିତ ପୁରା ହେଲା ଯେ ଗୋଟିଏ ବଡ଼ ଦେଶର ସଂସାରିକ ପାର୍ଲିଆମେଂଟ୍‌ର ମେମ୍ବରମାନେ ନିଜର ସମ୍ରାଟ୍ (ପ୍ରଧାନମନ୍ତ୍ରୀ)ଙ୍କ ସହିତ ଜଣେ 'ଆଧାତ୍ମିକ ସମ୍ରାଟଙ୍କ ସମ୍ମାନରେ ଛିଡ଼ା ହେଲେ । ଏବଂ ଖଲିଫତୁଲ୍ ମସିହ୍‌ଙ୍କ ଆଡ଼କୁ ଆଖି ଉଠାଇ ଏପରି ସମ୍ବୋଧନ କରୁଥିଲେ ଯେ ଯେପରି 'ଓ୍ୱହ୍ ବାଦ୍‌ଶାହ୍ ଆୟା' ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପୁଣି ଷଷ୍ଠ ମହଲା Spousal Lounge କୁ ଫେରି ଆସିଲେ । କିଛି ସମୟ ପରେ Hon Ralph Goodale ମିନିଷ୍ଟର୍ ଅଫ୍ ପବ୍ଲିକ୍ ଏଣ୍ଡ ଏମରଜିଏନ୍‌ସି preparedness ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସାକ୍ଷାତ୍ କରିବାର ସୌଭାଗ୍ୟ ହାସଲ୍ କଲେ ।

ସେ କହିଲେ ଯେ ରିଜାଇନା ରିଲାକାରୁ ମୁଁ ଆସିଛି । ମୁଁ ଆପଣଙ୍କ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବ ସମୟରେ ସାମିଲ୍ ହେବାକୁ ଚେଷ୍ଟା କରିବି । ମିନିଷ୍ଟର୍ କହିଲେ ହଜୁର୍ ବହୁତ୍ ଭ୍ରମଣ କରୁଛନ୍ତି ।

ଏହାପରେ ହଜୁର୍ କହିଲେ ମୁଁ ୨୦୧୩ ରେ କାନାଡ଼ା ଆସିଥିଲି । ମୁଁ କାନାଡ଼ାର ପଶ୍ଚିମ ଇଲାକା ଓ୍ୱେଙ୍କୋଓ୍ୱର୍ ଏବଂ କେଲଗିରି ଆସିଥିଲି । ଏହିପରି ଅନ୍ୟାନ୍ୟ ଦେଶ ମଧ୍ୟ ମୋତେ ଭ୍ରମଣ କରିବାକୁ ପଡ଼ିଥାଏ । ସେହିପରି ଅନ୍ୟାନ୍ୟ କାର୍ଯ୍ୟସୂଚୀ ମଧ୍ୟ ନିର୍ଦ୍ଧାରିତ ହୋଇଥାଏ । ତେଣୁ ଏଠାକୁ ମୁଁ ବହୁତ ଦିନ ପରେ ଆସିଛି ।

ମିନିଷ୍ଟର୍ ପ୍ରଶ୍ନ କଲେ ଯେ ଆପଣମାନଙ୍କର ସଂଖ୍ୟା କେତେ ହେବ ? ହଜୁର୍ ଅନୁଓ୍ୱର୍ ଉତରରେ କହିଲେ ଯେ ପ୍ରକୃତ ଏବଂ ନୈଷ୍ଟିକ ଅହେମଦୀ ୧୬-୧୭ ମିଲିୟନ୍ ହେବେ । ବାକି ଆଉ କେତେ ମିଲିୟନ୍ ସାଧାରଣ ଅହେମଦୀ ଅଟନ୍ତି । ଯେଉଁମାନେ ନିଜକୁ ଅହେମଦୀ କହୁଛନ୍ତି । କିନ୍ତୁ ସେମାନଙ୍କର ଯମାତ୍ ସହିତ ଏପର୍ଯ୍ୟନ୍ତ ସୁଦୃଢ଼ ସମ୍ପର୍କ ନାହିଁ । ମୁଁ ସେମାନଙ୍କ ପାଇଁ ଏହା ମଧ୍ୟ କହିପାରିବି ଯେ ଏମାନେ କେବେ Radicalise ହୋଇପାରିବେ ନାହିଁ ।

ମିନିଷ୍ଟର୍ ପ୍ରଶ୍ନ କଲେ ଯେ ଆପଣ ଆପଣଙ୍କର କମ୍ୟୁନିଟିର କିପରି ସଂସ୍କାର କରୁଛନ୍ତି ଯେ ସେମାନେ Radicalise ହୋଇପାରିବେ ନାହିଁ ? ହଜୁର୍ ଅନୁଓ୍ୱର ଅ:ବ:ଅ କହିଲେ ଯେ ସବୁଠାରୁ ବଡ଼ କଥା ହେଉଛି ଅଲ୍ଲାଃତାଲାଙ୍କର କୃପା । ଆମ ଟ୍ରେନିଂର ବ୍ୟବସ୍ଥା ଏପରି ଅଟେ ଯେ ଆମେ ପିଲାଦିନୁ ତର୍‌ବିୟତ୍ କରୁଛୁ । ପିଲାଦିନୁ ନିଜ ପିଲାଙ୍କୁ ଶିଖାଉଛୁ ଯେ ଅଲ୍ଲାଃତାଲାଙ୍କ ଇବାଦତ୍ (ଉପାସନା) କରିବାକୁ ହେବ ଏବଂ ଅଲ୍ଲାଃଙ୍କ ଅଧିକାର ପ୍ରଦାନ କରିବାକୁ ହେବ । ତାର ଭକ୍ତଙ୍କୁ ତାଙ୍କର ହକ୍ ଦେବାକୁ ହେବ । ଏବଂ ଲୋକଙ୍କୁ ପ୍ରେମ କରିବାକୁ ହେବ । ନିଜ ଦେଶ ସହିତ ମଧ୍ୟ ପ୍ରେମ କରିବାକୁ ହେବ । ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ହେବ । ଏବଂ ସର୍ବଦା ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ରହିବାକୁ ହେବ । ଆମ ପ୍ରୋଗ୍ରାମ୍ ମାନଙ୍କରେ, ମସ୍‌ଜିଦ୍‌ରେ, ଇଜ୍‌ଲାସ୍‌ରେ, ଆମ ବିଶ୍ୱ ବିଦ୍ୟାଳୟରେ ,ଶିକ୍ଷାନୁଷ୍ଠାନ ମାନଙ୍କରେ ଏବଂ ସଭା ସମିତିରେ ପ୍ରତ୍ୟେକ ଯାଗାରେ ଏହି ଶିକ୍ଷା ଦିଆଯାଏ । ହଜୁର୍ ଅନୁଓ୍ୱର୍ କହିଲେ ସର୍ବପରି ଅଲ୍ଲାଃତାଲାଙ୍କ କୃପା ହୁଏ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ମୁଁ ଡେନ୍‌ମାର୍କରେ ଜଣେ ଯୁବକଙ୍କ ସହିତ ସାକ୍ଷାତ୍ କରିଥିଲି । ସେ ଇସ୍‌ଲାମ୍‌ଠାରୁ ଦୂରକୁ ଚାଲିଯାଇଥିଲା ଏବଂ ଚରମପନ୍ଥୀଙ୍କ ସହିତ ମିଶିଯାଇଥିଲା । ଯେତେବେଳେ ସେ ଦେଖିଲା ଯେ ତାର ଦୁଇଜଣ ସାଥିଙ୍କ ମଧ୍ୟରୁ ଜଣେ ଦାଇଶ୍ ସହିତ ସାମିଲ୍ ହୋଇଯାଇଛି ଏବଂ ଦ୍ୱିତୀୟ ଜଣକ ମଦୁଆଙ୍କ ସହିତ ମିଶିଯାଇଛି । ଯେତେବେଳେ ସେ ଏମାନଙ୍କର ଏପରି ଅବସ୍ଥା ଦେଖିଲା ସେତେବେଳେ ସେ ଜାଣିପାରିଲା ଯେ ଅହେମଦୀୟତ୍ ହିଁ ଅସଲ ଏବଂ ବାସ୍ତବିକ ଇସ୍‌ଲାମ୍ ଅଟେ । ସୁତରାଂ ସେ ଫେରି ଆସିଲା ଏବଂ ମୋ ସହିତ ସାକ୍ଷାତ୍ କଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମର ପୁଅଝିଅମାନେ ସାତ ବର୍ଷ ବୟସରୁ ହିଁ ନିଜ ନିଜର ତନ୍‌ଜିମ୍ (ସଂଗଠନ)ରେ ସାମିଲ୍ ହୋଇଯାଉଛନ୍ତି । ପୁଅ ଏବଂ ଝିଅମାନଙ୍କର ଅଲଗା ଅଲଗା ତନ୍‌ଜିମ୍ ଅଛି । ଯେଉଁଠି ସେମାନଙ୍କୁ ଦୀନି ଶିକ୍ଷା (ଧର୍ମୀୟ ଶିକ୍ଷା) ଶିଖାଯାଇଥାଏ । ଆଚାର ବ୍ୟବହର ଶିଖାଯାଇଥାଏ । ଚାରିତ୍ରିକ ଶିକ୍ଷା ଦିଆଯାଇଥାଏ ପୁଣି ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୁଏ । ଆମେ ଅହେମଦୀମାନେ ନିଜର ପିଲାମାନଙ୍କୁ ଏବଂ ଯୁବଗୋଷ୍ଠୀର ଶିକ୍ଷା ପାଇଁ ବିଶେଷ ଧ୍ୟାନ ଦେଇଥାଉ । ସେଇଥିପାଇଁ ଅହେମଦୀ ଶିକ୍ଷାରେ ଆଗକୁ ବଢ଼ି ଚାଲିଛନ୍ତି ।

ହଜୁର୍ ଅନୁଓ୍ୱର୍ କହିଲେ ମା, ବାପାଙ୍କର ମଧ୍ୟ କର୍ତବ୍ୟ ଅଛି । ସେମାନେ ତାଙ୍କର ପିଲାମାନଙ୍କୁ ଦେଖିବା ଉଚିତ୍ । ପାରୁ ପର୍ଯ୍ୟନ୍ତ ପିଲାମାନଙ୍କର ଖିଆଲ୍ ରଖିବା ଉଚିତ୍ । ହଜୁର୍ ଅନୁଓ୍ୱର୍ କହିଲେ ଆପଣମାନେ ଦୁନିଆରେ ଯେ କୌଣସି ଯାଗାକୁ ଯିବେ ସେଠାରେ ଅହେମଦୀମାନଙ୍କର କ୍ୟାରେକ୍ଟର୍ ଅନ୍ୟମାନଙ୍କଠାରୁ ଭିନ୍ନ ପାଇବେ । ନାଇଜେରିଆରେ 'ବୋକୋହରାମ୍' ଦେଶରେ ଆତଙ୍କ ଖେଳାଇ ଚାଲିଛି । କିନ୍ତୁ ଏହାର ବିପରୀତ ଏକ ମିଲିୟନ୍ ଅହେମଦୀ ଦେଶର ସେବା କରି ଚାଲିଛନ୍ତି । ଏହାର କାରଣ ହେଉଛି ଆମେ ପିଲାଦିନୁ ନିଜ ପିଲାମାନଙ୍କୁ ଉତମ ଚରିତ୍ରର ଶିକ୍ଷା ଦେଉଅଛୁ । ସେମାନଙ୍କର ତାଲିମ୍ ଏବଂ ତର୍‌ବିୟତ୍‌ର ବ୍ୟାବସ୍ଥା କରୁଛୁ ।

ଏହାଶୁଣି ମିନିଷ୍ଟର୍ କହିଲେ ଯେ ଆପଣ ବହୁତ ଉତମ କାର୍ଯ୍ୟ କରୁଛନ୍ତି । ମୁଁ ଆଜି ଆପଣଙ୍କ ସହିତ ମିଶି ବହୁତ ଖୁସି ହେଲି । ମୁଁ ପୁନର୍ବାର ଆପଣଙ୍କୁ କାନାଡ଼ା ଆସିଥିବା ଯୋଗୁଁ ସ୍ୱାଗତମ୍ ଜଣାଉଛି । ମିନିଷ୍ଟରଙ୍କ ସହିତ ଏହି ସାକ୍ଷାତ୍‌କାର୍ ୩:୫୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ପାର୍ଲିଆମେଂଟ୍ ମେମ୍ବର୍ ଜୁଡ଼ି ସିଗ୍ରୋ ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ଜଣାଇଲେ ଯେ ଆପଣଙ୍କ କମ୍ୟୁନିଟିର ବହୁତ ଲୋକ ପାର୍ଲିଆମେଂଟ୍ ବାହାରେ ଆସି ଠୁଳ ହୋଇଛନ୍ତି । ଖଲିଫତୁଲ୍ ମସିହ୍‌ଙ୍କର ଏଠି ପାର୍ଲିଆମେଂଟ୍ ଆସିବା ଦ୍ୱାରା ଆମପାଇଁ ବହୁତ ବଡ଼ ସମ୍ମାନର କଥା । ସେ ପରିଶେଷରେ ହଜୁର୍ ଅନୁଓ୍ୱର୍‌ଙ୍କ ନିମନ୍ତେ ଶୁଭେଚ୍ଛା କାମନା କରି ହଜୁର୍ ଅନୁଓ୍ୱର୍‌ଙ୍କ ଗୋଚରେ ନିଜପାଇଁ ବିଶେଷ ପ୍ରାର୍ଥନାର ଦରଖାସ୍ତ କଲେ ।... (କ୍ରମଶଃ... ।)

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com
website:www.akhbarbadarqadian.in
:www.alislam.org

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.2 Thursday 20 APRIL 2017 Issue No. 16**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com
www.alislam.org/badr
ANNUAL SUBSCRIPTION:Rs.300/-


କାନାଡ଼ିଆନ୍ ପାର୍ଲିଆମେଂଟ୍‌ରେ ବିଭିନ୍ନ ପାର୍ଲିଆମେଂଟ୍ ମେମ୍ବର୍‌ମାନଙ୍କ ସହିତ ହଜୁର ଅନୁଓ୍ୱର୍‌ଙ୍କ ସାକ୍ଷାତ୍‌କାର୍ ଏବଂ ହଜୁର୍ ଅନୁଓ୍ୱର୍‌ଙ୍କର ଗୁରୁତ୍ୱପୂର୍ଣ୍ଣ ଉପଦେଶାବଳୀ ।

ହୁବ୍‌ବୁଲ୍ ଓ୍ୱତନେ ମିନଲ୍ ଇମାନ୍ । ଅର୍ଥାତ୍ ଓ୍ୱତନ୍ (ଦେଶ) ସହିତ ପ୍ରେମ କରିବା ଇମାନ୍‌ର ଅଂଶ ଅଟେ ।

ଯଦି ଏହି ବାର୍ତା ଉପରେ ଅମଲ କରାହୁଏ ତେବେ ଦେଶରେ କୌଣସି ପ୍ରକାର ଖରାପ କାର୍ଯ୍ୟ, ଦୁଷ୍କାମୀ ହେବନାହିଁ ଏବଂ ଦେଶପାଇଁ କୌଣସି ଅସୁବିଧା ହେବନାହିଁ ।

ପ୍ରତ୍ୟେକ ଦେଶ ପାଇଁ ଶୁଭାକାଂକ୍ଷୀ ଓ ହିତୈଷୀ ହେବ । କୌଣସି ପାର୍ଟି, କୌଣସି ଗୋଷ୍ଠୀ ଦେଶ ବିରୋଧି ହେବେନାହିଁ ଏବଂ ଦେଶରେ ଶାନ୍ତି ପ୍ରତିଷ୍ଠା ହେବ ।

ପ୍ରତ୍ୟେକ ଲୋକ ଅନ୍ୟଙ୍କୁ ତାଙ୍କର ଅଧିକାର ଦିଅନ୍ତୁ, ଅନ୍ୟର ଅଧିକାରକୁ ଛଡ଼ାଇ ନିଅନ୍ତୁ ନାହିଁ ।

ଯଦି ଏକ ଆରେକର ଅଧିକାରକୁ ପ୍ରଦାନ କରୁଥିବେ ତେବେ ଯାଇ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

ତା-୧୭ ଅକ୍ଟୋବର ୨୦୧୬ ରିଖ ଦିନ ହଜୁର ଅନୁଓ୍ୱର ଅ:ବ:ଅ କାନାଡ଼ାର ପାର୍ଲିଆମେଂଟ୍ ‘‘ପାର୍ଲିଆମେଂଟ୍ ହିଲ୍’’ରେ ପଦାର୍ପଣ କଲେ । ହଜୁର୍ ଅନୁଓ୍ୱର୍‌ଙ୍କୁ ପାର୍ଲିଆମେଂଟ୍‌ରେ ଭବ୍ୟ ସ୍ୱାଗତ କରାଗଲା । ପାର୍ଲିଆମେଂଟ୍‌ରେ ବିଭିନ୍ନ ସିନେଟ୍ ଓ ମିନିଷ୍ଟର୍ ହଜୁର୍‌ଙ୍କ ସହିତ ସାକ୍ଷାତ୍ କଲେ । ହଜୁର୍ ଅନୁଓ୍ୱର ପାର୍ଲିଆମେଂଟ୍‌ରେ ଦୁନିଆର ଅବସ୍ଥା ଏବଂ ଶାନ୍ତି ପ୍ରତିଷ୍ଠା ପ୍ରସଙ୍ଗରେ ବିଜ୍ଞତାପୂର୍ଣ୍ଣ ଭାଷଣ ପ୍ରଦର୍ଶନ କଲେ । ହଜୁର୍ ଅନୁଓ୍ୱର୍‌ଙ୍କ ଭାଷଣକୁ ଜ୍ଞାନୀ, ରାଜନିତୀଜ୍ଞ ଏବଂ ଜୀବନର ବିଭିନ୍ନ ବିଭାଗରେ ସମ୍ପର୍କ ରଖିଥିବା ଲୋକମାନେ ବହୁତ ପସନ୍ଦ କଲେ ଏବଂ ନିଜର ସୁନ୍ଦର ଭାବ ବ୍ୟକ୍ତ କଲେ । ହଜୁର୍ ଅନୁଓ୍ୱର୍‌ଙ୍କର ଉକ୍ତ ଦିନର କାର୍ଯ୍ୟାବଳୀ ବହୁତ ଇମାନ୍ ଅଫରୋଜ୍ ଥିଲା । ତେଣୁ ପାଠକଙ୍କ ନିମନ୍ତେ ଉକ୍ତ ଦିନର ସମ୍ପୂର୍ଣ୍ଣ କାର୍ଯ୍ୟାବଳୀ ଆସନ୍ତା କିଛି ଅଙ୍କରେ ଧାରାବାହିକ ରୂପେ ପ୍ରକାଶ କରାଯାଉଅଛି । (ଏଡ଼ିଟର୍)

## ତୃତୀୟ ଭାଗ

ଏହାପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପାର୍ଲିଆମେଂଟ୍ ହିଲ୍‌ର ଦ୍ୱିତୀୟ ମହଲାରେ ପଦାର୍ପଣ କଲେ ଯେଉଁଠି ଗୋଟିଏ ହଲ୍‌ରେ ପାର୍ଲିଆମେଂଟ୍ ମେମ୍ବର୍‌ଙ୍କ ତରଫରୁ ଗୋଟିଏ ରିଫ୍ରେସ୍‌ମେଂଟ୍‌ର ଆୟୋଜନ କରାଯାଇଥିଲା । ଏବଂ ପ୍ରୋଗ୍ରାମ୍ ମୁତାବକ ରିଫ୍ରେସ୍‌ମେଂଟ୍ ସମୟରେ ପାର୍ଲିଆମେଂଟ୍ ମେମ୍ବର୍‌ମାନେ ଜଣ ଜଣ କରି ହଜୁର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ଥିଲା ।

ତେଣୁ ପାର୍ଲିଆମେଂଟ୍ ମେମ୍ବର୍‌ମାନେ ଜଣ ଜଣ କରି ହଜୁର୍ ଅନୁଓ୍ୱର୍‌ଙ୍କ ନିକଟକୁ ଆସିଲେ । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ବାର୍ତାଳାପ କଲେ । ଏବଂ ପ୍ରତ୍ୟେକ ପାର୍ଲିମାମେଂଟ୍ ମେମ୍ବର୍ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ପ୍ରୋଗ୍ରାମ୍ ପାଖାପାଖି ଏକ ଘଂଟା ପର୍ଯ୍ୟନ୍ତ ଲାଗି ରହିଲା । ଉକ୍ତ ସମୟରେ ପାଖାପାଖି ୩୦ ରୁ ଅଧିକ ପାର୍ଲିଆମେଂଟ୍ ମେମ୍ବର୍‌ମାନେ ଏବଂ ଅନ୍ୟ ସରକାରୀ ସଚିବମାନେ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ଏହି ସମସ୍ତ ମେମ୍ବର୍‌ମାନେ ହଜୁର୍ ଅନୁଓ୍ୱର୍‌ଙ୍କ ଠାରୁ ଅନୁମତି ପ୍ରାପ୍ତକରି ମିଳିତ ଫଟୋ ଉଠାଇଲେ ।

ଏହାପରେ ସେହି ହଲ୍‌ର ଗୋଟିଏ ଭାଗରେ ଯେଉଁଠି ନମାଜ ଜୋହର୍ ଓ ଅସର୍ ପାଠ କରିବା ନିମନ୍ତେ ଆୟୋଜନ କରାଯାଇଥିଲା, ସେଠାରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନମାଜ ପଢ଼ାଇଲେ । କାନାଡ଼ିଆନ୍ ପାର୍ଲିଆମେଂଟ୍‌ର ଇତିହାସରେ ଏହା ପ୍ରଥମ ବାଯମାତ୍ (ସାମୁହିକ) ନମାଜ ପାଠ ଅଟେ ଯାହା ପାର୍ଲିଆମେଂଟ୍ ଭିତରେ ପାଠ କରାଗଲା । ଏହା ପୂର୍ବରୁ ଏହି କୋଠିରେ ଏପରି ଘଟଣା କଦାପି ଘଟିନଥିଲା ।

ହଜୁର୍ ଅନୁଓ୍ୱର୍ ନମାଜ ପଢ଼ାଇ ସାରିବା ଅନ୍ତେ ଆଉ କିଛି ପାର୍ଲିଆମେଂଟ୍ ମେମ୍ବର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆସିଲେ । ସେମାନେ ସମସ୍ତେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ଶ୍ରଦ୍ଧାର ସହିତ ସେମାନଙ୍କ ସଙ୍ଗେ ବାର୍ତାଳାପ କଲେ । ତା ପରେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଫଟୋ ଉଠାଇଲେ ଏବଂ ଏପରି ଅବସ୍ଥା କିଛି ସମୟ ପର୍ଯ୍ୟନ୍ତ ଚାଲୁ ରହିଲା । ତତ୍‌ପରେ ପ୍ରୋଗ୍ରାମ୍ ମୁତାବକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଛଅ ମହଲାର Spousal Lounge ରେ ପଦାର୍ପଣ କଲେ । ସେଠାରେ ଦିବା ଭୋଜନର ବ୍ୟବସ୍ଥା କରାଯାଇଥିଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କିଛି ସମୟ ପାଇଁ ପାର୍ଲିଆମେଂଟ୍‌ର ବାହାରେ ଥିବା ପାର୍କକୁ ଆସିଲେ ଏବଂ ଟିକେ ବୁଲାବୁଲି କଲେ । ବହୁତ ଗୁଡିଏ ଅହେମଦୀ ସ୍ତ୍ରୀ ପୁରୁଷ ଯେଉଁମାନେ ପାର୍ଲିଆମେଂଟ୍ ବାହାରେ ଉପସ୍ଥିତ ଥିଲେ ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖିବା ମାତ୍ରେ ସମସ୍ତେ ଏକତ୍ରିତ ହୋଇଗଲେ । ଏବଂ ହଜୁର୍ ଅନୁଓ୍ୱର୍‌ଙ୍କର ଦର୍ଶନ କଲେ । ଯୁବକ ଯୁବତୀ ଓ ପୁଅ ଝିଅମାନେ ନିଜ କ୍ୟାମେରା ସାହାଯ୍ୟରେ ନିଜର ପ୍ରିୟତମ ହଜୁର୍‌ଙ୍କ ଫଟୋ ଉଠାଇଲେ । ଏହି ଭ୍ରମଣ ସମୟରେ ସମସ୍ତ ଅହେମଦୀମାନେ ନିଜ ଆକାଙ୍କ ଚତୁଃପାର୍ଶ୍ୱରେ ଉପସ୍ଥିତ ରହି ସାନିଧ୍ୟ ହାସଲ କରୁଥିଲେ ।

ଏହାପରେ ହଜର୍ ଅନୁଓ୍ୱର୍ ଅ:ବ:ଅ ପୁଣି ପାର୍ଲିଆମେଂଟ୍ ହିଲ୍‌ରେ ପଦାର୍ପଣ କଲେ । ପ୍ରୋଗ୍ରାମ୍ ମୁତାବକ ଦିନ ୨:୪୫ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ପାର୍ଲିଆମେଂଟ୍ ଇଜ୍‌ଲାସ୍ ସମୟରେ ଭିଜିଟ୍ ଗ୍ୟାଲେରୀ ପର୍ଯ୍ୟନ୍ତ ନିଆଗଲା ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ବସାଇ ଦିଆଗଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଆଗମନ ପୂର୍ବରୁ ପାର୍ଲିଆମେଂଟ୍ ମେମ୍ବର୍ ଜୋଡ଼ି ସିଗ୍ରୋ ନିମ୍ନଲିଖିତ ଷ୍ଟେଟ୍‌ମେଂଟ୍ ପାର୍ଲିଆମେଂଟ୍‌ର ଇଜ୍‌ଲାସ୍‌ରେ ଉପସ୍ଥାପନ କରିସାରିଥିଲେ । (ଆଜି କିଛି ସମୟ ପୂର୍ବେ ଯମାତ୍ ଅହେମଦୀଆର ଇମାମ୍ ହଜ୍‌ରତ୍ ମିର୍ଜା ମସରୁର୍ ଅହେମଦ୍ ଦୌରା (ଭ୍ରମଣ) କରିବା ପାଇଁ ଓଟାଓ୍ୱା ଆସିଛନ୍ତି । ଏହି ଦୌରା ସମୟରେ ଆପଣ କ୍ୟାବିନେଟ୍ ମିନିଷ୍ଟର, ସିନେଟର୍, ପାର୍ଲିଆମେଂଟ୍ ମେମ୍ବର ଓ ପ୍ରଧାନମନ୍ତ୍ରୀ ସାହେବଙ୍କ ସହିତ ସାକ୍ଷାତ୍ କରିବେ । ଏହି ସାକ୍ଷାତ୍‌କାରରେ ଆପଣଙ୍କ ଉଦ୍ଦେଶ୍ୟ ‘ମହବତ୍ ସବ୍‌କେଲିଏ, ନଫରତ୍ କିସି ସେ ନେହିଁ’ । ଅର୍ଥାତ୍-‘ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ’ ର ବାର୍ତା ପ୍ରସାର କରିବା ଅଟେ । ଖଲିଫତୁଲ୍ ମସିହ୍‌ଙ୍କ ବାରମ୍ବାର ଏହି ଚେଷ୍ଟା ଯେ ଧର୍ମର ଶାନ୍ତିପୂର୍ଣ୍ଣ ଓ ସୁନ୍ଦର ଚେହେରା ଲୋକଙ୍କ ସମ୍ମୁଖରେ ଉପସ୍ଥାପନ ହେଉ । ଏବଂ ଆପଣଙ୍କର ଏହି ଦୌରା ଏପରି ଏକ ସମୟରେ ହୋଇଛି ଯେତେବେଳେ ଆମେ ଇସ୍‌ଲାମ୍‌ର ଐତିହାସିକ ମାସର ଉତ୍ସବ ପାଳନ କରୁଛେ । ଏବଂ ଆମେ ସମସ୍ତେ ବଡ଼ ଶକ୍ତିଙ୍କୁ ନିମନ୍ତ୍ରଣ ଦେଉଛୁ ଯେ ସେମାନେ ଶାନ୍ତି, ଧର୍ମୀୟ ସ୍ୱାଧିନତା ଏବଂ ମାନବିକ ମୂଲ୍ୟବୋଧକୁ ସମ୍ମାନ ଦେଇ କାନାଡ଼ା ସହିତ ସାମିଲ୍ ହୋଇଯାଆନ୍ତୁ ।

ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ......

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**